# ବିବିଧତା- ସାବର୍ଭୌମତ୍ୱ-ନିରନ୍ତର ବିକାଶ- ଶାନ୍ତିପୂର୍ଣ୍ଣ ସହାବସ୍ଥାନ

# କିଷାନ ସ୍ୱରାଜ ସମ୍ମିଳନୀ- ୨୦୨୬

# କୃଷକ ଏବଂ କୃଷକ ସମାଜର ଶୁଭଚିନ୍ତକମାନଙ୍କ ଏକ ସଂଗମ ସ୍ଥଳ ।

ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତ ନିମିତ୍ତ: ୨୯-୩୧ ଅକ୍ଟୋବର ୨୦୨୬( ଗୁରୁ-ଶୁକ୍ର-ଶନି)

ସଂଗଠକ: ନିରନ୍ତର ବିକାଶ ସମଗ୍ର କୃଷି ନିମିତ୍ତ ଗଠବନ୍ଧନ (ଆଶା - କିଷାନ ସ୍ୱରାଜ)

ସହଯୋଗୀ ସଂସ୍ଥା: ଗ୍ରାମ୍ୟ ରିସୋର୍ସ ସେଣ୍ଟର ଫର ଓମେନ ଆଣ୍ଡ ପାଞ୍ଚାଳ ସୁସ୍ଥାୟୀ କୃଷି ଉଦ୍ୟୋଗ ସମିତି (PSKUS)

ସ୍ଥାନ: ସାଇନ୍ସ ସିଟି,  ଜେବି.ଏସ ହାଲଡେନ ଆଭିନ୍ୟୁ , ମୀରାନିଆ ଗାର୍ଡେନ୍ସ,  ଇଷ୍ଟ  ତୋପ୍ସିଆ, କଲିକତା-୭୦୦୦୪୬

ପଞ୍ଜୀକରଣ ନିମିତ୍ତ ଆମନ୍ତ୍ରଣ !https://sammelan.kisanswaraj.in/East-NE India

ନିରନ୍ତର ବିକାଶ ଏବଂ ସମଗ୍ର କୃଷି ନିମିତ୍ତ ଗଠବନ୍ଧନ (ବା) ଆଶା-କିଷାନ ସ୍ୱରାଜ ନେଟୱାର୍କ ପୂର୍ବ ଏବଂ ଉତ୍ତର- ପୂର୍ବ ସମ୍ଭାଗ ନିମିତ୍ତ

ଗ୍ରାମ୍ୟ ରିସୋର୍ସ ସେଣ୍ଟର ଫର ଓମେନ ଏବଂ PSKUS ଙ୍କ ସହଯୋଗରେ ଆଶା କିଷାନ ସ୍ୱରାଜ ନେଟୱାର୍କ ଷଷ୍ଠ ସମ୍ମିଳନୀ ପୂର୍ବ ଏବଂ ଉତ୍ତର-ପୂର୍ବ ସମ୍ଭାଗ ନିମିତ୍ତ ୨୯-୩୧, ଅକ୍ଟୋବର ୨୦୨୬( ଗୁରୁ-ଶୁକ୍ର-ଶନି) କୁ ପଶ୍ଚିମବଙ୍ଗର ସାଇନ୍ସ ସିଟି ଠାରେ ଆୟୋଜନ କରାଯିବାର ଘୋଷଣା କରୁଛନ୍ତି ।.

ଏହି ସମ୍ମିଳନୀରେ ପଞ୍ଜୀକରଣ ଓ ଅଂଶ ଗ୍ରହଣ ନିମିତ୍ତ ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତର ପ୍ରେଦଶ (ପୂର୍ବ ଓ ଦକ୍ଷିଣ - ପୂର୍ବ), ଆସାମ, ମେଘାଳୟ, ମଣିପୁର, ମିଜୋରାମ, ସିକିମ, ତ୍ରିପୁରା, ନାଗାଲାଣ୍ଡ ଏବଂ ଅରୁଣାଚଳ ପ୍ରଦେଶର ଆଶାୟୀ ଅଂଶ ଗ୍ରହଣକାରୀମାନଙ୍କୁ ଆହ୍ୱାନ କରାଯାଉଛି ।

ଆଶା - କିଷାନ ସ୍ୱରାଜ (www.kisanswaraj.in) ସମଗ୍ର ଭାରତବର୍ଷର ନାଗରିକ ସ୍ୱେଚ୍ଛାସେବୀ ମାନଙ୍କର ଏକ ଅନୌପଚାରିକ ମଞ୍ଚ ଅଟେ, ଯେ ଚାରିଗୋଟି ପ୍ରମୁଖ ଖମ୍ବ ଉପରେ ଫୋକସ ରଖନ୍ତି :-

* ପରିବେଶ ଅନୁକୂଳ କୃଷି ନିଶ୍ଚିତ କରିବା
* କୃଷି ଆୟ ସୁରକ୍ଷା ନିଶ୍ଚିତ କରିବା
* କ୍ଷେତର ସମଗ୍ର ସମ୍ବଳ ଫାର୍ମ ଓ ଗ୍ରାମୀଣ ଗୋଷ୍ଠୀଙ୍କ ନିୟନ୍ତ୍ରଣାଧୀନ ରହିବ, ଯାହା ଗୋଷ୍ଠୀଙ୍କ ମାଲିକାନା ଉପରେ ଫୋକସ ରଖିବ  ।
* ଉପଭୋକ୍ତା ନିରାପଦ, ପୁଷ୍ଟିକର, ବିବିଧ ଏବଂ ଯଥେଷ୍ଟ ଖାଦ୍ୟ ପାଇପାରିବେ ।

**କିଷାନ ସ୍ୱରାଜ ସମ୍ମିଳନୀ:**

ଆମ ସମ୍ମୁଖରେ ଉପସ୍ଥିତ ଅତି ଜଟିଳ ଆହ୍ୱାନ ଗୁଡିକର ବୁଝିବା ଶକ୍ତିକୁ ମଜବୁତ କରିବା ପାଇଁ ତଥା ଆମର ସାଧାରଣ ସଂଯୋଗଗୁଡ଼ିକର ପୁନରୁଦ୍ଧାର କରିବା ନିମିତ୍ତ ଏକ ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ଆଶା ସମୟକୁ ସମୟ କିଷାନ ସ୍ୱରାଜ ସମ୍ମିଳନୀର ଆୟୋଜନ କରୁଛନ୍ତି, ଯଦ୍ୱାରା

ଏହା ନିଶ୍ଚିତ ହେବ ଯେ ଆମେମାନେ ଅନେକ ଗୁଡିଏ ସାମୁଖ୍ୟରେ ସ୍ୱାଧୀନ ଭାବେ କାମ କରୁଅଛୁ ।

ଅତୀତରେ ଏହିଭଳି ସମ୍ମିଳନୀ ଭୋପାଳ (୨୦୧୩), ହାଇଦ୍ରାବାଦ (୨୦୧୬), ଅହମଦାବାଦ (  ୨୦୧୮) ଏବଂ ମହିଶୁର (୨୦୨୨) ଠାରେ ଅନୁଷ୍ଠିତ ହୋଇଯାଇଅଛି । ଆଶା ମଧ୍ୟ ଭାରତୀୟ ଜୈବିକ କୃଷକ ସଂଘ (OFAI) ଙ୍କ ସହଯୋଗରେ ଚଣ୍ଡୀଗଡ଼ (୨୦୧୫)

ଠାରେ ଏକ 'ଜୈବିକ କୃଷକ ସମ୍ମିଳନୀ' ଅନୁଷ୍ଠିତ କରିଛନ୍ତି, ଯାହା OFAI ର ଦ୍ୱି ବାର୍ଷିକ 'ଜୈବିକ କୃଷି ସମ୍ମିଳନୀ' ଧାରାରେ ଥିଲା  ।

କିଷାନ ସ୍ୱରାଜ ସମ୍ମିଳନୀର ଉଦ୍ଦେଶ୍ୟ ହେଲା - ଅଗ୍ରଣୀ ନିରନ୍ତର କୃଷି ଅଭ୍ୟାସକାରୀ, ବେସାମରିକ ସାମାଜିକ ସଂଗଠନ ପ୍ରତିନିଧି, ସକ୍ରିୟ କର୍ମକର୍ତ୍ତା , ବିଦ୍ୱାନ, ଗବେଷକ, ବୈଜ୍ଞାନିକ, ସାମାଜିକ ଉଦ୍ୟୋଗୀ, ଲେଖକ ଓ ସାମ୍ବାଦିକ, କଳାକାର, ସରକାରୀ କର୍ମଚାରୀ ଆଦିଙ୍କ

ଗୋଟିଏ ମଞ୍ଚରେ ଏକତ୍ରିତ କରିବା । ଆମ ସମ୍ମିଳନୀ ଅର୍ଥନୈତିକ ସମୃଦ୍ଧି, ସାମାଜିକ ସମାନତା, ଏବଂ ପରିବେଶଗତ ସୁସ୍ଥାୟୀତ୍ୱିକୁ ଯଥେଷ୍ଟ ଗୁରୁତ୍ୱ ଦେଇଥାଏ ।

ଚଳିତବର୍ଷ ୨୦୨୬ ମସିହାରେ ଗୋଟିଏ ଜାତୀୟସ୍ତରର ସମ୍ମିଳନୀ ସ୍ଥାନରେ ତିନି ଗୋଟି ତିନିଦିନିଆ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହେଉଛି, ଏବଂ ଏହି ନୋଟ୍‌ଟି ପୂର୍ବ ଓ ଉତ୍ତର-ପୂର୍ବ ଭାରତ କିଷାନ ସ୍ୱରାଜ ସମ୍ମିଳନୀ ସମ୍ବନ୍ଧିତ ଅଟେ ।

କିଷାନ ସ୍ୱରାଜ ସମ୍ମିଳନୀ ୨୦୨୬ ଭାରତର ଚାରିଗୋଟି ସାମ୍ପ୍ରତିକ ସମସ୍ୟା ଉପରେ ବିଶେଷ ଧ୍ୟାନ ଦେଇଥାଏ :

* ବିହନ ସାର୍ବଭୌମତ୍ୱ : ସଦ୍ୟ ବିକଶିତ ଡ୍ରାଫ୍ଟ ବିହନ ବିଲ୍- ୨୦୨୫, ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ସୁରକ୍ଷା (PPV&FR)

ଆଇନ ୨୦୦୧ ରେ ପ୍ରସ୍ତାବିତ ସଂଶୋଧନ ପ୍ରକ୍ରିୟା, ଏବଂ ଖାଦ୍ୟ ଓ କୃଷି ପାଇଁ ଉଦ୍ଭିଦ ଜିନୀୟ ସମ୍ବଳ ଉପରେ ଆନ୍ତର୍ଜାତିକ ରାଜିନାମା

(ITPGRFA ଯାହା ଉଦ୍ଭିଦ ରାଜିନାମା ଭାବେ ପରିଚିତ)ର ପ୍ରସ୍ତାବିତ ସଂଶୋଧନ ପ୍ରକ୍ରିୟା ଆମର କୃଷକ/ ଜାତୀୟ ବିହନ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି ଏବଂ ତେଣୁ ଖାଦ୍ୟ ସାର୍ବଭୌମତ୍ୱକୁ ପ୍ରଭାବିତ କରୁଛି । ଆହୁରି ମଧ୍ୟ ବିହନ ସୁରକ୍ଷା ଆନ୍ଦୋଳନକୁ ମଜଭୁତ କରିବା ଉପରେ;

* ଘାସମରା ସହଣୀ ଫସଲ/ ଘାସଲଟା ପରିଚାଳନା : ସାମ୍ପ୍ରତିକ ଭାରତର ବିହନ ବଜାରରେ ତିନି ଗୋଟି ଜିନୀୟ ଅପରିବର୍ତ୍ତିତ ଘାସମରା ସହଣି ଫସଲ ପ୍ରେବଶ କରି ସାରିଲାଣି । ଏଥି ସହିତ ଜିନୋମ ସଂଶୋଧିତ ଧାନ କିସମ ମଧ୍ୟ ରହିଛି । ଉଭୟ ବିକାଶ ପ୍ରକ୍ରିୟା ନିୟନ୍ତ୍ରଣ ବ୍ୟବସ୍ଥା ,ସେଚ୍ଛାଚତା ବିହୀନ ବିଜ୍ଞାନ ଏବଂ ଅବୈଧାନିକ ପଲିସି ପ୍ରସ୍ତୁତି ସହ ସାଲିସ ଆଧାରିତ ଅଟେ । ଫଳତଃ ସେଗୁଡିକ ଭାରତର ବୃଦ୍ଧି ପାଉଥିବା ଘାସଲଟା ମରା ବିଷ ପ୍ରୟୋଗ ହେତୁ ଜୈବିକ / ପ୍ରାକୃତିକ କୃଷିର ସାଧୁତା ଉପରେ ବିସ୍ତୃତ ଭାବରେ ନୈତିକତା ମାନକ ଏବଂ ଅଭ୍ୟାସ ସହିତ ସାଲିସ କରିବା ସମ୍ଭାବନା ଅଧିକ । ଆହୁରି ମଧ୍ୟ କୃଷି ରସାୟନ ପ୍ରୟୋଗ ନ କରି ଘାସଲଟା ପରିଚାଳନା ପଦ୍ଧତିଗୁଡିକୁ ସମୃଦ୍ଧ କରିବା ପାଇଁ;

* କୃଷିରେ ଶ୍ରମ ସମ୍ବଳ : କୃଷିରେ ବିବିଧ ଭାବରେ ମାନବ ସମ୍ବଳ ଓ ପଶୁସମ୍ପଦ ବ୍ୟବହାର ବଦଳିବାରେ ଲାଗିଛି ଏବଂ ଯଥା ସ୍ଥାନରେ

ପ୍ରାୟୋଗିକ ତଥା ପଲିସି ସମାଧାନର ଆବଶ୍ୟକତା ରହିଛି । ଏହା ଫଳରେ କୃଷି ଶ୍ରମିକ, କୃଷକ, ପରିବେଶ ଏବଂ ପଶୁସମ୍ପଦ ନିମିତ୍ତ ଏକ

ଜିତାପଟ- ଜିତାପଟ ସମାଧାନ ପନ୍ଥା ମିଳିବ । ଏହି ତର୍କ ବା ଅଲୋଚନା 'VB-G RAM G' , MGNREGA'ର ସ୍ଥାନ ଗ୍ରହଣ କରିବା ପେର

ଏକ ନୂତନ ପରିସର ଲାଭ କରିବ;

* ମାନବ-ବନ୍ୟଜନ୍ତୁ ସଂଘର୍ଷ : ଏହା ବର୍ତ୍ତମାନ ବଢି ବଢି ଚାଲିଛି । ବନ୍ୟଜନ୍ତୁଙ୍କର କୃଷକଙ୍କ ଜୀବନ, ଫସଲ ଏବଂ ଗୃହପାଳିତ ପଶୁମାନଙ୍କ ଉପରେ ଆକ୍ରମଣ ଯୋଗୁ ପ୍ରଭୂତ କ୍ଷତି ହେବାସହ ବିବାଦ ସୃଷ୍ଟି ହେଉଛି । ଏଥି ପାଇଁ ଉଭୟ ପଲିସି ସ୍ତର ଏବଂ ଅଭ୍ୟାସ ସ୍ତରୀୟ ପ୍ରଶମନ ପନ୍ଥା ତଥା ଅନ୍ୟାନ୍ୟ ସମାଧାନ ପନ୍ଥାଗୁଡିକର ଆବଶ୍ୟକତା ରହିଛି ।

ସମସ୍ତ ବିଷୟବସ୍ତୁ ବିଭିନ୍ନ ସମସ୍ୟା କୁ ନେଇ ଆଲୋଚନା କରିବା ପାଇଁ ପ୍ରସ୍ତୁତ କରାଯାଇଛି, ବିଶେଷ କରି ସମାଧାନ ପନ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକ ହେଲା- ମୁକ୍ତ ବାଣିଜ୍ୟିକ ରାଜିନାମା( ଇଣ୍ଡୋ-ଇଉ.ଏସ ଏଫ.ଟି.ଏ ସହିତ), ଜିନୀୟ ପରିବର୍ତ୍ତନ, ମହିଳା କୃଷକ ଏବଂ କୃଷି-ପରିସଂସ୍ଥା, ଜୈବିକ ଓ ପ୍ରାକୃତିକ କୃଷି ଉତ୍ପାଦର ପ୍ରମାଣନ ଓ ବଜାର ବ୍ୟବସ୍ଥା, ସାଧାରଣ ସମ୍ପତ୍ତିର ସୁରକ୍ଷା ଓ ପୁନରୁଦ୍ଧାର, କୃଷିରେ ଶକ୍ତି ସମ୍ବନ୍ଧୀତ ସମସ୍ୟା ଆଦି । ଏ ସବୁ ସମାନ୍ତରାଳ ଅଧିବେଶନ ଗୁଡିକରେ ଜ୍ଞାନ ବର୍ଦ୍ଧନ ଓ ଆଲୋଚନା ପାଇଁ ସମ୍ମିଳନୀର କାର୍ଯ୍ୟକ୍ରମ ରେ ସ୍ଥାନୀତ ହୋଇଅଛି । କଲିକତାର ସହରି ଉପଭୋକ୍ତାଙ୍କ ସାମିଲ ନିମିତ୍ତ ମଧ୍ୟ ଯୋଜନା ରହିଛି ।

**ଫର୍ମାଟ/ ଢାଞ୍ଚା:**

ଏହି ସମ୍ମିଳନୀରେ ୫୦୦ ସରିକି କୃଷକ/ ଅଭ୍ୟାସକାରୀ/ ଗବେଷକ/ବୈଜ୍ଞାନିକ/ ଶିକ୍ଷକ/ ସକ୍ରିୟ କର୍ମୀ ବିଭିନ୍ନ ସମାନ୍ତରାଳ ସତ୍ରରେ

ଅଲୋଚକ/ ବକ୍ତା ଭାବରେ ଯୋଗ ଦେବାର ସମ୍ଭାବନା ରହିଛି । ଏଠାରେ ମଧ୍ୟ ବିହନ ବିବିଧତା ମେଳା, ଜୈବିକ ଖାଦ୍ୟ, ପଦ୍ର ଶର୍ନ 1 ଏବଂ

ସମ୍ଭାବ୍ୟ କ୍ଷେତ୍ରର ଅଭ୍ୟାସ ପ୍ରଦର୍ଶନ ଆଦି କରାଯିବ । ସର୍ବସାଧାରଣ ବକ୍ତୃତା ତଥା ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ସାମିଲ କରାଯିବ । ପ୍ରତିଟି ସତ୍ର ରହିବ ପାରସ୍ପରିକ ଆଦାନପ୍ରଦାନ ଏବଂ ଅଂଶଗ୍ରହଣ ମୂଳକ । ଉନ୍ମୁକ୍ତ ଗୃହ ଆଲୋଚନା ସଂଗଠିତ ହେବ, ସହଭାଗି, ପରସ୍ପର ଜ୍ଞାନ ଆହରଣ, ନେଟୱର୍କିଙ୍ଗ ଓ ବଜାର ସୁଯୋଗ ବିଷୟରେ ମୁକ୍ତ ଭାବେ ଆଲୋଚନା କରାଯିବ । କିଷାନ ସ୍ୱରାଜ ସମ୍ମିଳନୀ ହେଉଛି ଆମ ସ୍ୱାୟତ୍ତତା, ଆମ ଚିନ୍ତାଧାରାକୁ ତୀକ୍ଷ୍ଣ କରିବା ଏବଂ ବହୁଗୁଣିତ ସ୍ୱର ଉତ୍ତୋଳନ ପାଇଁ ଏକ ଅଦ୍ୱିତୀୟ ସୁଯୋଗ ।

(ପୂର୍ବ କିଷାନ ସ୍ୱରାଜ ସମ୍ମିଳନୀ ଗୁଡିକର କେତେକ ଝଲକ)

ଅହମଦାବାଦ ସ୍ଥିତ ଗୁଜରାଟ ବିଦ୍ୟାପୀଠ ଠାରେ ୨୦୧୮ ରେ ଅନୁଷ୍ଠିତ ସମ୍ମିଳନୀର କାର୍ଯ୍ୟକ୍ରମ ପ୍ରସ୍ତୁତି ତଥା ଫେଟାଚିତ୍ର ସମୂହ

https://tinyurl.com/KSS2018Schedule ଏବଂ

https://photos.app.goo.gl/wPiWHJjU364msarK8 ଠାରେ ମିଳି ପାରିବ ।

ମହିଶୂର ସ୍ଥିତ କର୍ଣ୍ଣାଟକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଠାରେ ୨୦୨୨ ମସିହାରେ ଅନୁଷ୍ଠିତ ସମ୍ମିଳନୀର କାର୍ଯ୍ୟକ୍ରମ ପ୍ରସ୍ତୁତି ତଥା ଫେଟାଚିତ୍ର ଗୁଡିକ https://tinyurl.com/KSS2022Schedule ଏବଂ

https://photos.app.goo.gl/oKr3SfwgyuFFiwKH9 ଠାରେ ମିଳି ପାରିବ ।

**ଆଂଚଳିକ ସମ୍ମିଳନୀ ଗୁଡିକର କାର୍ଯ୍ୟକ୍ରମ ସିଡୁଲ ଓ ଚିତ୍ର:**

୧.ଉତ୍ତର ଓ ଉତ୍ତର ଭାରତ: ପାଲାନପୁରର ଲୋକ ନିକେତନ, ଗୁଜରାଟ ଏବଂ ୨.ଦକ୍ଷିଣ ଭାରତ: ମହିଶୂରର କର୍ଣ୍ଣାଟକ ଷ୍ଟେଟ ଓପନ ୟୁନିଭର୍ସିଟି ଠାରେ ଅନୁଷ୍ଠିତ:

https://photos.app.goo.gl/NKbmcKywS1HfdvWg6;

https://kisanswaraj.in/wp-content/uploads/KSS2026-Lokniketan-Schedule-English-01012026.pdf ଏବଂ

https://kisanswaraj.in/wp-content/uploads/KSS2026-South-India- KSOU-Mysuru-Schedule-Penultimate-English.pdf ;

https://photos.app.goo.gl/DzrGzkgAFyHmn1Od9

**ଅଂଶଗ୍ରହଣ କରିବା ନିମିତ୍ତ ପଞ୍ଜୀକରଣ:**

ସମ୍ମିଳନୀରେ ଭାଗ ନେବା ନିମିତ୍ତ ନିର୍ଧାରିତ ଫି ଦେଇ ଆଗତୁରା ପଞ୍ଜୀକୃତ ହେବାକୁ ପଡ଼ିବ । ସମ୍ବଳ ବ୍ୟକ୍ତିଙ୍କ ସମେତ ସମସ୍ତ ଆୟୋଜକ, ସମସ୍ତ ଅଂଶ ଗ୍ରହଣକାରୀ ପଞ୍ଜୀକରଣ ଫି ଦେବାକୁ ବାଧ୍ୟ, କାରଣ ଆମେ ଏକ ଆତ୍ମନିଭର୍ରଶୀଳ ଆନ୍ଦୋଳନ ଆଶା କରୁ । ପ୍ରଥମେ ଆସି ପ୍ରଥମେ ପଞ୍ଜୀକରଣ ପଦ୍ଧତିରେ ପଞ୍ଜୀକରଣ କରାଯିବ । ଏହା ମନେ ରଖିବାକୁ ହେବ ଯେ ଆଶା ସରକାରୀ ଫଣ୍ଡ, ପ୍ରକଳ୍ପ ଫଣ୍ଡ, ବିଦେଶୀ ଫଣ୍ଡ, କିମ୍ବା କର୍ପୋରେଟ ପୃଷ୍ଠପୋଷକତା ଉପରେ ନିର୍ଭର କରେନାହିଁ । ଆଶା କିଷାନ ସ୍ୱରାଜ ଇଭେଣ୍ଟ ପରମ୍ପରା ଅନୁଯାୟୀ, ଆମେ ଇଭେଣ୍ଟକୁ ଯେତଦୂର ସମ୍ଭବ ସ୍ୱ-ସହାୟତାରେ ପାଳନ କରିବାକୁ ଚାହୁଁ । ସୀମିତ ଭାବେ କନଭେନସନ କିଟ୍, ଅତି ଆବଶ୍ୟକୀୟ ଭାଗିଦାର ଭିତ୍ତିକ ରହିବା ବ୍ୟବସ୍ଥା, ସମ୍ମିଳନୀର ସମସ୍ତ ଖାଦ୍ୟ ଥାଳିରେ ଜୈବିକ ଖାଦ୍ୟ, ସମସ୍ତ ସତ୍ରର ସାନିଧ୍ୟଲାଭ, ସମାନ୍ତରାଳ ସତ୍ର ଗୁଡିକରେ ଅଂଶଗ୍ରହଣ, ବିହନ ବବି ଧି ତା ମେଳା, ପ୍ରଦର୍ଶନୀ ଓ କର୍ମଶାଳା ଭ୍ରମଣ ପର୍ଯ୍ୟନ୍ତ ପଞ୍ଜୀକରଣ ଫି ଭରଣା କରାଯିବ । ସମ୍ମିଳନୀ ସ୍ଥଳ ପହଁଞ୍ଚିବା ଓ ଫେରିବା ଖର୍ଚ୍ଚ ଏଥିରେ ଅନ୍ତର୍ଭୁକ୍ତ ନୁହେଁ । ଯେଉଁମାନେ କଲିକତାରେ ନିଜ ରହଣୀ ବ୍ୟବସ୍ଥା ନିଜେ କରିବାକୁ ଇଚ୍ଛୁକ ସେମାନେ ତାହା କରିବା ନିମିତ୍ତ ମୁକ୍ତ ଅଟନ୍ତି, ମାତ୍ର ତାଙ୍କ ପାଇଁ ପଞ୍ଜୀକରଣ ଫି ସମାନ ରହିବ ଏବଂ ଆଶା ତରଫରୁ ସେମାନଙ୍କ ପାଇଁ ସମ୍ମିଳନୀ ସ୍ଥଳକୁ କୌଣସି ପ୍ରକାର ଯାତାୟତ ବ୍ୟବସ୍ଥା କରାଯାଇପାରିବ ନାହିଁ । ଏହା ମଧ୍ୟ ଧ୍ୟାନ ଦେବେ ଯେ, ଥରେ ପୈଠ ହୋଇଥିବା ପଞ୍ଜୀକରଣ ଫି କୌଣସି ହାଲତରେ ଫେରସ୍ତ ହେବନାହିଁ ।

**ପଞ୍ଜୀକରଣ ଫି :**

| ଅଂଶଗ୍ରହଣ କାରୀ ବର୍ଗ | ପଞ୍ଜୀକରଣ ଫି(ଟଙ୍କାରେ) |
|---|---|
| ୧. ଦରମା ପ୍ରାପ୍ତ ଏବଂ ବୃତ୍ତିଗତ ବ୍ୟକ୍ତି/ ଗେବଷକ ଓ ଶିକ୍ଷକ / ସରକାରୀ କର୍ମଚାରୀ । | ୪୦୦୦ |
| ୨. ସି. ଏସ.ଓ / ବେସରକାରୀ ସଂଗଠନ ପ୍ରତିନିଧି: | ୩୦୦୦ |
| ୩. ଚାଷ ବାଦ୍ ଅନ୍ୟାନ୍ୟ ସୂତ୍ରରୁ ଆୟ କରୁଥିବା କୃଷକ | ୨୫୦୦ |
| ୪. କୃଷକ ସଂଗଠନ ପ୍ରତିନିଧି( କୃଷକ ସଂଘ, ଏଫ.ପି.ଓ କର୍ମକର୍ତ୍ତା ଆଦି): | ୨୦୦୦ |
| ୫. କେବଳ ପୁରୁଷ କୃଷକ: | ୧୫୦୦ |
| ୬. ଛାତ୍ରଛାତ୍ରୀ: | ୧୦୦୦ |
| ୭. ମହିଳା କୃଷକ: | ୭୫୦ |
| ୮.ଦୈନିକ ପଞ୍ଜୀକରଣ (ରହିବା ବ୍ୟବସ୍ଥା ନାହିଁ- କେବଳ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା): | ୫୦୦ |
| ୯. ଫି ଦେବାକୁ ଅକ୍ଷମ ପ୍ରକୃତ ଜୈବିକ/ପ୍ରାକୃତିକ କୃଷକ । | ନିଜ କ୍ଷେତରୁ ଉତ୍ପନ୍ନ ଖାଦ୍ୟ ଉପଯୋଗୀ ଶସ୍ୟରୁ ଉପଯୋଗୀ ଶସ୍ୟରୁ ୮ କିଲୋ (କିମ୍ବା) ଡାଲି ଶସ୍ୟରୁ ୫ କିଲୋ । |

ସମସ୍ତ ପଞ୍ଜୀକରଣ ଏବଂ ଦେୟ ପ୍ରଦାନ ନିମିତ୍ତ ଲିଙ୍କ

https://sammelan.kisanswaraj.in/East-NE-India

**ଦୟାକରି ଧ୍ୟାନ ଦିଅନ୍ତୁ :** ପଞ୍ଜୀକରଣକାରୀ ଯେତେବେଳ ସବୁଦିଗରୁ ସଂପୂର୍ଣ୍ଣ ଏବଂ ସଠିକ ତଥ୍ୟ ଯୋଗାଇ ଦେବେ, ତାପରେ ସଂଗଠକ ମାନେ ରହିବା ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ସହଜରେ ଯୋଗାଇ ପାରିବେ ।

**ପଞ୍ଜୀକରଣ ଶେଷ ତାରିଖ: ୩୦ ସେପ୍ଟେମ୍ବର ୨୦୨୬**

**ମନେ ରଖନ୍ତୁ :** ଶେଷ ତାରିଖ ପୂର୍ବରୁ ଯଦି ଯୋଜନା ଅନୁଯାଇ ପଞ୍ଜୀକରଣ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଯାଏ, ତେବେ ସଂଗଠକମାନେ ପଞ୍ଜୀକରଣ ବନ୍ଦ କରିଦେବାକୁ ଅଧିକୃତ ଅଟନ୍ତି । ପଞ୍ଜୀକରଣ ସେତିକିବେଳେ ସମ୍ପୂର୍ଣ୍ଣ ବୋଲି ଗ୍ରହଣ କରାଯିବ, ଯେତେବେଳେ ଆବଶ୍ୟକୀୟ ପଞ୍ଜୀକରଣ ଫି ସହିତ ସମ୍ପୂର୍ଣ୍ଣ ପୂରଣ ହୋଇଥିବା ଦରଖାସ୍ତ ଫର୍ମ ଦାଖଲ କରାଯାଇଥିବ ।

**ରହଣି ସୁଯୋଗ ସମୟ ସାରଣୀ :**

ସଂଗଠକ ଗଣ କଲିକତା ଠାରେ ୨୮ ଅକ୍ଟୋବର ୨୦୨୬ ସନ୍ଧ୍ୟା ୬ ଟା ଠାରୁ ୩୧ ଅକ୍ଟୋବର ୨୦୨୬ ଦିବା ୧୨ ଘଟିକା ପର୍ଯ୍ୟନ୍ତ ୩ ଦିନ ଧରି ( ସମ୍ମିଳନୀ ୩ ଦିନ ପାଇଁ ଉଦ୍ଦିଷ୍ଟ- ୨୯ ଅକ୍ଟୋବର ରୁ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ) । ନିର୍ଦ୍ଦିଷ୍ଟ ଭାବେ କୌଣସି କାରଣ ଉଲ୍ଲେଖ କରି ରହିବାକୁ ଅନୁରୋଧ କରି ନ ଥିଲେ ସମସ୍ତ ଅଂଶ ଗ୍ରହଣକାରୀ ସେମାନଙ୍କ ରହଣୀ ସ୍ଥାନ ୩୧ ଅକ୍ଟୋବର ୨୦୨୬ ସକାଳ ସୁଦ୍ଧା ସମ୍ମିଳନୀ ସ୍ଥାନକୁ ଆସିବା ସମୟରେ ଖାଲି କରିବେ ଏବଂ ସେମାନଙ୍କ ନିମିତ୍ତ ଅଲଗା ବ୍ୟବସ୍ଥା କରାଯିବ ।

ସମୟ ବଢାଇବା ଲାଗି ଅନୁରୋଧ କରିଥିବା କୃଷକମାନଙ୍କ ପାଇଁ ରେଳଯାତ୍ରା ସମୟକୁ ଚାହିଁ ସୀମିତ ଭାବେ ବିଚାର କରାଯିବ । ଏହିଭଳି କ୍ଷେତ୍ରରେ କୃଷକମାନଙ୍କୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହେବାର ଆବଶ୍ୟକ ପଡିଲେ ଏବଂ କିମ୍ବା ଅଧିକ ଦେୟ ଦେବାକୁ ପ୍ରସ୍ତୁତ ରହିବାକୁ ପଡିବ । ସଂଗଠକମାନେ ସେମାନଙ୍କ ସାଧ ମତେ କୃଷକମାନଙ୍କ ଉପରେ ଅତିରିକ୍ତ ଖର୍ଚ୍ଚଭାର ଲାଘବ କରିବାକୁ ଚେଷ୍ଟାକରିବେ, କିନ୍ତୁ ଏହାକୁ ପ୍ରତିଶ୍ରୁତି ବୋଲି ଧରାଯିବ ନାହିଁ । ଏହି ଉପଦେଶ ଦିଆଯାଉଛି କି, ସ୍ୱାମୀ-ସ୍ତ୍ରୀ ଉଭୟ ଯାତ୍ରା କରୁଥିଲେ ସେମାନଙ୍କ ଜିନିଷପତ୍ର ଅଲଗା ଅଲଗା ପ୍ୟାକିଂ କରି ଆସିବେ, କାରଣ ଅଧିକାଂଶ ସ୍ଥାନରେ ଉଭୟଙ୍କୁ ଅଲଗା ହୋଇ ରହିବାର ବନ୍ଦୋବସ୍ତ କରାଯାଇପାରେ । ସଂଗଠକମାନେ ୨୦ ଅକ୍ଟୋବର ୨୦୨୬ ପୂର୍ବରୁ ଅଂଶଗ୍ରହଣ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧତା ଅନୁମୋଦନ ବିଷୟରେ ପତ୍ର ମାଧ୍ୟମରେ ଜଣାଇ ଦେବେ, ଯାହା ଅଂଶଗହ୍ର ଣର ଆଧାର ଭାବେ ଗହ୍ର ଣ କରାଯିବ । ତଥାପି ପଞ୍ଜୀକରଣକାରୀ ବ୍ୟକ୍ତିବିଶେଷ ଅନୁମୋଦନ ପତ୍ର ପାଇବା ପର୍ଯ୍ୟନ୍ତ ଅପେକ୍ଷା ନ କରି ସେମାନଙ୍କ ଯାତାୟତ ଟିକେଟ କ୍ରୟ କରିବା ଉଚିତ୍ ।

**ସମ୍ମିଳନୀ ସମୟେର ପ୍ରଦର୍ଶନ ବ୍ୟବସ୍ଥା :**

ଜୈବିକ/ପ୍ରାକୃତିକ କୃଷକ, କୃଷକ ଗୋଷ୍ଠୀ, ପଞ୍ଜୀକୃତ ଅଣଲାଭ ଦାୟକ ସଂସ୍ଥା, ବେସରକାରୀ ଉଦ୍ୟୋଗୀ, ଏବଂ ଅର୍ଦ୍ଧସରକାରୀ ବିଭାଗମାନେ ସେମାନଙ୍କ ଜୈବିକ କ୍ଷେତ ଉତ୍ପାଦ ବିକ୍ରୟ ନିମିତ୍ତ, ଜୈବିକ/ ପ୍ରାକୃତିକ କୃଷି ସମ୍ବନ୍ଧୀୟ ସେମାନଙ୍କ ପ୍ରକଳ୍ପ ଏବଂ କାର୍ଯ୍ୟ କଳାପ, କୃଷି ଯନ୍ତ୍ରପାତି,

ଚାଷ ଉପକରଣ ଏବଂ କ୍ଷୁଦ୍ର ପ୍ରକ୍ରିୟାକରଣ ୟୁନିଟ୍, ପୁସ୍ତକ, ଲେଖା ସମୂହ, ଏବଂ ଅନ୍ୟାନ୍ୟ IEC ପଦାର୍ଥ ଆଦିର ପ୍ରଦର୍ଶନ କରି ପାରିବେ ଏବଂ ନିରନ୍ତରକୃଷି ସମ୍ବନ୍ଧୀତ ବାର୍ତ୍ତା ଆଦି ପ୍ରଦଶର୍ନକରି ପାରିବେ । କୃଷି ଉପାଦାନ ରଖିବାକୁ ବା ବିକ୍ରି କରିବାକୁ ଅନୁମତି ମିଳିବ ନାହିଁ । ଏହାର ବ୍ୟତିକମ୍ର ଭାବେ ପ୍ରକୃତ ଜୈବିକ / ପ୍ରାକୃତିକ କୃଷକ, କ୍ଷୁଦ୍ର କୃଷକ ଉତ୍ପାଦକ ଗୋଷ୍ଠୀ ଏବଂ ସରକାରୀ କୃଷି ବିଶ୍ୱବିଦ୍ୟାଳୟ/ ଅନୁଷ୍ଠାନମାନଙ୍କର ନିଜସ୍ୱ ଉତ୍ପାଦଗୁଡିକ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଅନୁମତି ଅଛି । ପଶୁଧନ ଉତ୍ପାଦକୁ ଅନୁମତି ନାହିଁ । ମାତ୍ର ବିଶେଷ ପରିସ୍ଥିତିରେ ଜୈବିକ ଅବସ୍ଥା ଯାଞ୍ଚ ପରେ ପ୍ରମାଣିତ ହେଲେ, ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ।

**ବିଭିନ୍ନ ସଂଗଠନଙ୍କ ଷ୍ଟଲ ନିମିତ୍ତ ପଞ୍ଜୀକରଣ ଫି :**

| ସଂଗଠନ ବର୍ଗ | ପ୍ରଦର୍ଶନ ପଞ୍ଜୀକରଣ ଫି (ଟଙ୍କାରେ) |
|---|---|
| ୧. ବେସରକାରୀ ଉଦ୍ୟୋଗୀ, ଅର୍ଦ୍ଧ ସରକାରୀ ଓ ସରକାରୀ ବିଭାଗ | ୧୫୦୦୦ |
| ୨. ଅଣଲାଭଦାୟକ ସଂସ୍ଥା ଯାହାଙ୍କର ୧୨ଇ ପ୍ରମାଣପତ୍ର ଥିବ | ୧୨୫୦୦ |
| ୩. କୃଷକ ଗୋଷ୍ଠୀ/ କୃଷକ ଉତ୍ପାଦକ ଗୋଷ୍ଠୀ / କୃଷକ ସମବାୟ/ ସ୍ୱୟଂ ସହାୟକ ଗୋଷ୍ଠୀ/ ଅଣୁରୂଣ ଗୋଷ୍ଠୀ । | ୭୦୦୦ |
| ୪. କିଷାନ ହାଟ: ବ୍ୟକ୍ତିଗତ ଜୈବିକ କୃଷକ, ଯେଉଁମାନେ ଅନ୍ୟ କୌଣସି ସୂତ୍ର ରୁ ଆୟ ନ ଥିବ । | ୨୭୦୦ |

**ଦ୍ରଷ୍ଟବ୍ୟ:** ଆଗ୍ରହୀ ଦରଖାସ୍ତକାରୀ ଲିଙ୍କ [https://sammelan.kisanswaraj.in/East-NE-India ] ରେ ପ୍ରଦତ୍ତ ଫର୍ମକୁ ଆବଶ୍ୟକୀୟ ସମସ୍ତ ତଥ୍ୟ ସହିତ ଅନ୍‌ଲାଇନରେ ପୂରଣ କରି ଏକ ଷ୍ଟଲ୍ ପାଇଁ ଆବେଦନ କରି ପାରିବେ । ପତ୍ରଟି ଦରଖାସ୍ତ ଏକ ବୈଷୟିକ କମିଟି ଦ୍ୱାରା ସମୀକ୍ଷା କରାଯିବ, ଯେଉଁଥିରେ ପ୍ରଦତ୍ତ ତଥ୍ୟ, ଯଥା–

ଉତ୍ପାଦର ପ୍ରକୃତି, ଯାହା ଦାବି କରାଯାଇଛି, ମୂଲ୍ୟ ଏବଂ ସର୍ବୋପରି ସମ୍ମିଳନୀ ପାଇଁ କେତେଦୂର ଉପଯୁକ୍ତ, ଆଦିର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବ । ସମୀକ୍ଷା କାର୍ଯ୍ୟ ସହଜ କରିବା ନିମିତ୍ତ ଆବଶ୍ୟକ ସ୍ଥଳେ ଆବେଦନକାରୀଙ୍କ ଠାରୁ ଅତିରିକ୍ତ ତଥ୍ୟ କିମ୍ବା ପ୍ରଦର୍ଶନ ବା ବିକ୍ରି ପାଇଁ ପ୍ରସ୍ତାବିତ ଉତ୍ପାଦର ନମୂନା ଯୋଗାଇ ଦେବାକୁ କୁହାଯିବ । ଯାଞ୍ଚ ପ୍ରକ୍ରିୟା ଥରେ ଶେଷ ହୋଇଗଲେ, ସଂଗଠକଗଣ ଆବେଦନକାରୀଙ୍କୁ ସେମାନଙ୍କ ଦରଖାସ୍ତର ସ୍ଥିତି ବିଷୟେର ଅବଗତ କରାଇବେ । ଯେଉଁ ଅାବେଦନକାରୀଙ୍କ ଦରଖାସ୍ତ ଅନନ୍ମୋଦନ କରାଯିବ ପ୍ରଦଶର୍ନୀ ପଞ୍ଜୀକରଣ ପ୍ରକ୍ରିୟା ଶେଷ କରିବାକୁ ସେମାନଙ୍କୁ ଏକ ଦେୟ ଲିଙ୍କ ଯୋଗାଇ ଦିଆଯିବ । ଷ୍ଟଲ୍ ପଞ୍ଜୀକରଣ ସେତିକିବେଳେ ଅନୁମୋଦିତ ବା ସମ୍ପୂର୍ଣ୍ଣ ହେବ, ଯେତେବେଳେ ଦେୟ ସଫଳ ହେବ ଏବଂ ସଂଗଠକମାନଙ୍କ ଠାରୁ ଏକ ଅନୁମୋଦନ ବାର୍ତ୍ତା ମିଳିବ ।

ସଂଗଠକ ଗଣ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସ୍ଥିତିରେ ଏପରିକି ସମ୍ମିଳନୀ ସମୟରେ ଷ୍ଟଲ୍/ ଟେବୁଲ ଯୋଗାଇ ନ ଦେବା ଅଧିକାର ସଂରକ୍ଷିତ ରଖିଛନ୍ତି ।

ବହନ କରିବା ନିମିତ୍ତ ପ୍ଲାଷ୍ଟିକ ଆଧାର (ଆରମ୍ଭରୁ ଉତ୍ପାଦ ପ୍ୟାକିଂ ହେବା ବ୍ୟତୀତ), ଫ୍ଲେକ୍ସ ବ୍ୟାନର୍, ଏବଂ ଥର୍ମୋକୁଲ ବ୍ୟବହାର

ସମ୍ମିଳନୀ ଏବଂ ସମସ୍ତ ପ୍ରଦର୍ଶନୀରେ ନିଷିଦ୍ଧ ଅଟେ ଏବଂ ପାନ ଛେପ ପକାଇବା, ତମାଖୁ ଦ୍ରବ୍ୟ ଆଦିକୁ ମଧ ଅନୁମତି ନାହିଁ । ପ୍ରଦର୍ଶନ କାରୀ ମାନଙ୍କୁ ପ୍ରୋତ୍ସାହିତ କରାଯାଉଛି କି, ସେମାନେ ବହୁଳ ବିକ୍ରୟ ( bulk vending) ବ୍ୟବସ୍ଥା ଆପଣାଇବେ ତଥା ଆବଶ୍ୟକ ପଡିଲେ ବିକ୍ରି ସମୟରେ କାଗଜ ଥଳି ବ୍ୟବହାର କରିବେ । ସମ୍ମିଳନୀ ସ୍ଥଳ ଏବଂ ଆବାସ ପରିସରରେ – କୌଣସି ହାଲତରେ ତମାଖୁ ସେବନ ମଦିରା ପାନ ସମ୍ପୂର୍ଣ୍ଣ ବର୍ଜିତ ଅଟେ । ....

ଯେକୌଣସି ଅନୁସନ୍ଧାନ ନିମିତ୍ତ ଆପଣମାନେ kisanswarajsammelan2026@gmail.com ଙ୍କୁ ଲେଖି ପାରିବେ କିମ୍ବା ନିମ୍ନଲିଖିତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ପାରିବେ ।

ଝାଡ଼ଖଣ୍ଡ ପାଇଁ: ଜିତେନ୍ଦ୍ର କୁମାର (୯୫୭୬୫୬୫୮୯୯), ସନ୍ଦିପ କୁମାର (୯୯୫୫୫୯୯୪୪୩)

ବିହାର ପାଇଁ: ସୈଫ୍ (୯୩୦୪୪୬୮୪୪୩)

ଉତ୍ତର-ପୂର୍ବ ରାଜ୍ୟଗୁଡିକ ପାଇଁ: ମୋନୁହର(୯୧୦୧୦୮୫୫୯୯)

ଛତିଶଗଡ ଓ ଉତ୍ତରପ୍ରେଦଶ ପାଇଁ: ରୋହିତ(୯୮୯୨୦୧୯୩୬୯)

ଓଡିଶା ପାଇଁ: ଏକାଦଶୀ ନନ୍ଦୀ(୯୪୩୭୪୧୨୪୧୧); ସରୋଜ ମହାନ୍ତି (୮୮୯୫୧୫୭୦୬୬)

ପଶ୍ଚିମବଙ୍ଗ ପାଇଁ: ଡ. ଅନୁପମ ପାଲ (୯୪୩୨୩୫୬୪୯୦) ଏବଂ ଭୈରବ ସଇନି (୭୩୮୪୫୯୬୪୯୪)

This document was created with the Win2PDF “Print to PDF” printer available at

https://www.win2pdf.com

This version of Win2PDF 10 is for evaluation and non-commercial use only.
Visit https://www.win2pdf.com/trial/ for a 30 day trial license.

This page will not be added after purchasing Win2PDF.

https://www.win2pdf.com/purchase/